Click Here & Upgrade
Expanded Features
Unlimited Pages
PDF Complete Documents



# ସ୍ୱାଧୀନତା ପରବର୍ତ୍ତୀ - ଭାରତରେ ଦ୍ରୁତ ଅର୍ଥନୈତିକ ଅଭିବୃଦ୍ଧି

ଅଧ୍ୟାପକ ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି (ହାରିଡ଼୍ସ)

ସ୍ୱାଧୀନତା ପ୍ରାପ୍ତିର ପର ସମୟରେ ଆମ ଦେଶ ଭାରତ ସମଗ୍ର ବିଶ୍ୱରେ ଅର୍ଥନୈତିକ ସ୍ଥିତିରେ ଦ୍ରୁତ ଅଭିବୃଦ୍ଧି ଆଣିବାକୁ ଯାଉଛି । ଅନ୍ୟ ବିକଶିତ ଓ ବିକାଶଶୀଳ ଦେଶମାନଙ୍କ ମଧ୍ୟରେ ତୁଳନା କଲେ ଭାରତର ଅର୍ଥନୈତିକ ଅଭିବୃଦ୍ଧି ହାର ଅଧିକ । ଅବଶ୍ୟ ଏ କ୍ଷେତ୍ରରେ ଚୀନ ଆମକୁ ପଛରେ ପକାଇ ଦେଇଛି । ରିଜର୍ଭ ବ୍ୟାଙ୍କର ଏକ ଅନୁଧ୍ୟାନରୁ ଜଣାପଡ଼ିଛି ଯେ, ବିଶ୍ୱର ଅନ୍ୟ ବିପଣୀକ ଅର୍ଥନୈତିକ ପର୍ଯ୍ୟାୟଭୁକ୍ତ (Emerging Market Economies) ଦେଶମାନଙ୍କ ମଧ୍ୟରେ ଭାରତର ଅଭିବୃଦ୍ଧି ଉତ୍ତମ । ଆଗରୁ ସମଗ୍ର ବିଶ୍ୱର ରାଷ୍ଟ୍ରମାନେ ଭାରତକୁ ଏକ ଗରିବ ଓ ଋଣଗ୍ରସ୍ତ ଦେଶ ଭାବରେ ଚିହ୍ନି ଥିଲେ । ଏବେ କିନ୍ତୁ ସେହି ଅବସ୍ଥା ନାହିଁ । ଆଗରୁ ନିଜ ଦେଶ ଜନତାଙ୍କର ଖାଦ୍ୟ ଚାହିଦା ମେଣ୍ଟାଇବା ପାଇଁ ଅଧିକାଂଶ ସମୟରେ ବିଦେଶ ଉପରେ ନିର୍ଭର କରିବାକୁ ପଡୁଥିଲା । ଭାରତକୁ ବିଶେଷତଃ ବୈଦେଶିକ ଋଣ, ବୈଦେଶିକ ସାହାଯ୍ୟ ଓ ଅନୁକମ୍ପାମୂଳକ ଦାନ ଇତ୍ୟାଦି ଉପରେ ନିର୍ଭର କରି ନିଜର ଅର୍ଥନୈତିକ ଦୈନ୍ୟତା ପ୍ରକାଶ କରିବାକୁ ପଡୁଥିଲା । ବିଶ୍ୱ ମାନଚିତ୍ରରେ ଅବହେଳିତ ଓ ରୋଗାକ୍ରାନ୍ତ ଅନୁନ୍ନତ ଆଫ୍ରିକୀୟ ଦେଶମାନଙ୍କ ଭଳି ଭାରତ ଏକ କାଙ୍ଗାଳ ପୁଷ୍ଟିସାର ବିହୀନ ଭୁଭୁକ୍ଷୁ ମା' ଓ ଶିଶୁର ଭିକ୍ଷାଥାଳ ଧରି ସାହାଯ୍ୟ ପାଇଁ ଆବେଦନ କରୁଥିବାର ଯେଉଁ ଲଜ୍ଜାକର ଚିତ୍ର ଭାରତ ପାଇଁ ଚିତ୍ରଣ କରାଯାଇଥିଲା - ଆଜି ସେହି ଅବସ୍ଥାରେ ଆମର ଢେର୍ ପରିବର୍ତ୍ତନ ଆସିଛି । ଆମେ ଆମ ଅନ୍ତରୀଣ ଖାଦ୍ୟଶସ୍ୟ ଉତ୍ପାଦନ ଓ ବଣ୍ଟନର ଆତ୍ମନିର୍ଭରଶୀଳ । କହିବାକୁ ଗଲେ ଆତ୍ମନିର୍ଭରଶୀଳ ନୁହଁ ବରଂ ଆମ ଦେଶରୁ ଅନ୍ୟ ଦେଶମାନଙ୍କୁ କୃଷିଜାତ ସାମଗ୍ରୀ ତଥା ପ୍ରମୁଖ ଖାଦ୍ୟଶସ୍ୟ ରପ୍ତାନି ଆମ ଦେଶର କୃଷି, ଜଳସେଚନ, ରୋଗପୋକ ନିରୋଧ ପାଇଁ କୀଟନାଶକ, ସାର, ଉତ୍ତମ ଗୁଣମାନର ଅଧିକ ଅମଳକ୍ଷମ ବିହନ ବ୍ୟବହାର ସହ ଆଧୁନିକ କୃଷି ଭିତ୍ତିକ ଓ ଅନ୍ୟ ଆନୁଷଙ୍ଗିକ ଜ୍ଞାନକୌଶଳର ଉପଯୋଗ ଆମକୁ ଏ କ୍ଷେତ୍ରରେ ସଫଳତା ଆଣି ଦେଇଛି । ଭିତ୍ତିଭୂମି କ୍ଷେତ୍ରରେ ମଧ୍ୟ ଆମେ ପୂର୍ବାପେକ୍ଷା ଢେର ଉନ୍ନତି ଲାଭ କରିଛେ । ପରିବହନ, ଗଣଯୋଗାଯୋଗ, କୃଷି ଓ ଶିଳ୍ପ ଋଣ ଓ ବିଦ୍ୟୁତ୍ ଯୋଗାଣ, କୃଷି, ଜଳସେଚନ, ଶିକ୍ଷା, ସ୍ୱାସ୍ଥ୍ୟ ଇତ୍ୟାଦିରେ ଆମେ ଅନ୍ୟ ବିକଶିତ ଦେଶମାନଙ୍କ ସହ ସମତାଳରେ ବିକାଶ ଲାଭ କରିପାରିନଥିଲେ ମଧ୍ୟ ଆଗାମୀ କିଛି ବର୍ଷ ମଧ୍ୟରେ ସେମାନଙ୍କୁ ପଛରେ ପକାଇ ଯିବାର ଅଭିବୃଦ୍ଧି ହାର ହାସଲ କରିଯିବାର ଆମର ଅଶେଷ ସାମର୍ଥ୍ୟ ରହିଛି । ନିଜ ଦେଶର ଆର୍ଥିକ ଗୁଜରାଣ ମେଣ୍ଟାଇବା ପାଇଁ ଯେଉଁ ଦେଶ ଋଣ ପାଇଁ ଅନ୍ୟ ଦେଶ ଆଗରେ ଆସ୍ଥା ହରାଇ ଉଡ଼ାଜାହାଜରେ ଭର୍ତ୍ତି ସୁନାକୁ ନେଇ ଲଣ୍ଡନର ବ୍ୟାଙ୍କରେ ବନ୍ଧା ଦେଇ ଋଣ ପାଇବାରେ ଯୋଗ୍ୟ ହୋଇଥିଲା, ଆଜି ସେହି ଲଜ୍ଜାଜନକ ଅବସ୍ଥା ଆଉ ନାହିଁ । ବିଶ୍ୱବ୍ୟାଙ୍କ, ଆନ୍ତର୍ଜାତୀୟ ମୁଦ୍ରାପାଣ୍ଠି ସହ ଅନ୍ୟ ଧନୀକ ରାଷ୍ଟ୍ରମାନେ ବିନା ବନ୍ଧକରେ ମାଗିବା କ୍ଷଣି ଆମ ଦେଶରେ ଋଣ ଖଟାଇବା ପାଇଁ ଚାହିଁ ରହିଛନ୍ତି । ଆମେ ମଧ୍ୟ ଋଣ ସର୍ବସ୍ୱ ଅର୍ଥନୀତିରେ ପରିଚାଳିତ ନହୋଇ ନିଜ ଘରୋଇ ଉତ୍ପାଦର ବୃଦ୍ଧି କରି ଅର୍ଥନୀତିରେ ସ୍ୱାବଲମ୍ବୀ ହେବାରେ ଲାଗିଛୁ । ପୁଣି ଅନ୍ୟ ଅଣ-ବିକଶିତ ଓ ପଡ଼ୋଶୀ ରାଷ୍ଟ୍ରମାନଙ୍କୁ ବଢ଼ଭାଇ ପଣିଆରେ ଖାଲି ଋଣ ନୁହଁ, ଜରୁରୀକାଳୀନ ଓ ଅନୁକମ୍ପାମୂଳକ ସାହାଯ୍ୟ ଯୋଗାଇ ଦେବାରେ ଢେର ଆଗରେ ନିଜକୁ ଉପସ୍ଥାପିତ କଲୁଣି ।

ଆମ ଦେଶର ବୈଦେଶିକ ବାଣିଜ୍ୟ ସ୍ଥିତିର ଉନ୍ନତି ଆମ ଭାରତୀୟ ବଂଶଭବଙ୍କ ନିଜ ଦେଶକୁ ସମ୍ବଳ ଯୋଗାଣ ସହ ଅନ୍ୟ ରାଷ୍ଟ୍ରରେ ଉଚ୍ଚ ଧୀ-ଜ୍ଞାନକୌଶଳ ବିତରଣ ପାଇଁ ନିଯୁକ୍ତ ଭାରତୀୟଙ୍କ ବୈଦେଶିକ ମୁଦ୍ରା ପ୍ରେରଣ ଆଦି କାରଣଗୁଡ଼ିକ ଯୋଗୁଁ ଆମ ବୈଦେଶିକ ମୁଦ୍ରାଭଣ୍ଡାର ବିଶ୍ୱର ଅନ୍ୟ ପ୍ରମୁଖ ରାଷ୍ଟ୍ରମାନଙ୍କଠାରୁ ଅପେକ୍ଷାକୃତ ଅଧିକ ବୈଦେଶିକ ମୁଦ୍ରା ଗଚ୍ଛିତ ରଖି ପାରିଛି ଓ ଆବଶ୍ୟକ ସ୍ଥଳେ ଅନ୍ୟ ଦେଶମାନଙ୍କୁ ବୈଦେଶିକ ମୁଦ୍ରା ଋଣ ଆକାରରେ ବା ସାହାଯ୍ୟ ଆକାରରେ ଯୋଗାଇ ଦେଇପାରୁଛି । ଆମ ବୈଦେଶିକ ମୁଦ୍ରାର ଗଚ୍ଛିତ ଭଣ୍ଡାର କେଉଁ ଦିନରୁ ବିଲୟନ ଆମେରିକୀୟ ଡଲାରରୁ ଅଧିକ ହେଲାଣି । ଆମ ଦେଶର ନାଗରିକମାନଙ୍କ ମଧ୍ୟରେ ସଂଚୟ ମନୋଭାବର ଢେର ଉନ୍ନତି ଘଟିଛି । ଯାହା ଆମ ଦେଶର ଉଦ୍ୟୋକ୍ତା ସଂସ୍କୃତି ଓ ପୁଂଜି ଗଠନକୁ ତ୍ୱରାନ୍ୱିତ କରିବା ସଂଗେସଂଗେ ଶିଳ୍ପ ଓ ସେବା କ୍ଷେତ୍ରରେ ଢେର ଅର୍ଥନୈତିକ ଅଭିବୃଦ୍ଧି ପ୍ରାପ୍ତ ହେବାରେ ସମର୍ଥ ହେଉଛି । ବିଦେଶରେ ସଂସ୍ଥାପିତ ଭାରତୀୟଙ୍କ ଦ୍ୱାରା ଦେଶକୁ

Click Here & Upgrade
Expanded Features
Unlimited Pages
PDF Complete Documents



ପଠାଯାଉଥିବା ବୈଦେଶିକ ମୁଦ୍ରାର ସ୍ରୋତ ୧୫,୧୭୪ ମିଲିୟନ ଡଲାରରୁ ଅଧିକ-ସେବା ରପ୍ତାନିରୁ ସମ୍ଭବ ହୋଇଛି । ସ୍ୱାଧୀନତାପ୍ରାପ୍ତିର ପରବର୍ଷମାନଙ୍କରେ ଭାରତ ତା'ର ଅର୍ଥନୈତିକ ସ୍ଥିତିରେ ଢେର ଉନ୍ନତି ଆଣିବାରେ ସମର୍ଥ ହୋଇଛି କହିବା ଅତ୍ୟୁକ୍ତି ନୁହଁ କିନ୍ତୁ ବେଳେବେଳେ ଦେଶରେ ଅନୁଭୂତ, ଅନୁକୂଳ ରାଜନୈତିକସ୍ଥିତି, ପ୍ରତିକୂଳ ପାଣିପାଗରୁ ସୃଷ୍ଟ ବନ୍ୟା, ବାତ୍ୟା, ମରୁଡ଼ି ଆଦିର ଭୟାବହତା ଯୋଗୁଁ କେତେକାଂଶରେ ଆମର ଅର୍ଥନୈତିକ ବିକାଶ ବାଧାପ୍ରାପ୍ତ ହେଉଛି । ନତୁବା ବିଶ୍ୱର ଏକ ଶ୍ରେଷ୍ଠ ସମୃଦ୍ଧ ଆର୍ଥିକ ସ୍ଥିତିର ଦେଶ ଭାବରେ ବିକାଶ ଲାଭ କରିସାରନ୍ତାଣି । ଗଲା ୨୦୦୨ ଓ ୨୦୦୩ ଆର୍ଥିକ ବର୍ଷରେ ସମଗ୍ର ବିଶ୍ୱର ଅର୍ଥନୈତିକ ଅଭିବୃଦ୍ଧିକୁ ଅନୁମାନ କଲେ ଜାଣିହୁଏ, ଆମ ଦେଶ ଭାରତର ଅଭିବୃଦ୍ଧି ହାର ସମଗ୍ର ବିଶ୍ୱର ଅଭିବୃଦ୍ଧି ହାର (୩%)ଠାରୁ ୪ ଶତାଂଶରୁ ଅଧିକ ଭାଗ ବୃଦ୍ଧି କରିଛି । ବିକଶିତ ରାଷ୍ଟ୍ରମାନଙ୍କ ଅଭିବୃଦ୍ଧି ୧.୮ ଶତାଂଶରେ ସୀମିତ ଥିଲାବେଳେ ଆମ ଭାରତର ଅଭିବୃଦ୍ଧି ହୋଇଛି ପ୍ରାୟ ୮ ଶତାଂଶ । ପୁଣି ବିକାଶଶୀଳ ରାଷ୍ଟ୍ରମାନଙ୍କର ଅଭିବୃଦ୍ଧି ହାରାହାରି ୪ରୁ ୫ ଶତାଂଶ ମଧ୍ୟରେ ରହିଥିଲାବେଳେ ଭାରତ ସେମାନଙ୍କଠାରୁ ପ୍ରାୟ ତିନି ଶତାଂଶରୁ ଅଧିକ ଅଭିବୃଦ୍ଧି କରିଛି । ଏ ଦୃଷ୍ଟିରୁ ଇଣ୍ଡୋନେସିଆ, ମାଲେସିଆ, ମେକ୍ସିକୋ, ପଡ଼ୋଶୀ ପାକିସ୍ଥାନ, ଶ୍ରୀଲଙ୍କା, ଫିଲିପାଇନ୍ସ, ଥାଇଲାଣ୍ଡ ଆଦି ଦେଶ ଭାରତର ବିକାଶ ହାରଠାରୁ ଢେର ପଛରେ (ସାରଣୀ-୧) ।

ସ୍ୱାଧୀନତା ପରେ ରାଷ୍ଟ୍ରୀୟ ଉତ୍ପାଦ ଓ ମୁଣ୍ଡ ପିଛା ହାର କ୍ରମାଗତ (ସାରଣୀ-୨) ଭାବରେ ବୃଦ୍ଧି ପାଇବାରେ ଲାଗିଛି । ୧୯୫୦-୮୦ ତିନି ଦଶକ ମଧ୍ୟରେ ଆମ ଦେଶର ରାଷ୍ଟ୍ରୀୟ ଉତ୍ପାଦର ଅଭିବୃଦ୍ଧି ୩.୫ ଶତାଂଶ ଥିଲାବେଳେ ୧୯୮୦-୯୦ ଦଶକରେ ୫.୫ ଶତାଂଶ ଏବଂ ୧୯୯୦-୨୦୦୦ ଦଶକରେ ଏହା ୬ ଶତାଂଶକୁ ବୃଦ୍ଧି ପାଇଥିଲା । ଆଗାମୀ (୨୦୦୦-୨୦୧୦) ୨୦୧୦ରେ ଶେଷ ହେବାକୁ ଥିବା ଦଶକ ପାଇଁ ଅର୍ଥନୀତିଜ୍ଞମାନେ ଏହି ବୃଦ୍ଧି ହାର ଅନ୍ୟୂନ ୭.୫ ଶତାଂଶ ରହିବା ଅନୁମାନ କରିଛନ୍ତି । ଯାହାଫଳରେ ଭାରତର ବିକାଶଧାରା ଅପ୍ରତିହତ ଭାବେ ବୃଦ୍ଧି ପାଇବାରେ ଲାଗିଛି । ଅର୍ଥନୈତିକ ଅଭିବୃଦ୍ଧି କ୍ଷେତ୍ରରେ ଦୀର୍ଘ ତିନିଶତ ବର୍ଷର ଇତିହାସକୁ ଅନୁଧ୍ୟାନ କଲେ ଏବଂ ବିଶ୍ୱ ଘରୋଇ ଉତ୍ପାଦରେ ବିଭିନ୍ନ ଦେଶମାନଙ୍କର ଅଂଶକୁ ନିରୀକ୍ଷଣ କଲେ ମଧ୍ୟ ଆମ ଦେଶ ସ୍ୱାଧୀନତା ପରବର୍ତ୍ତୀ ସମୟରେ ତା'ର ଭାଗକୁ ୧୯୯୫ ସୁଦ୍ଧା ୩.୪ରୁ ୪.୬କୁ ବୃଦ୍ଧି କରିଛି । ୧୯୯୫ର ଏହି ତଥ୍ୟରେ ଚୀନର ଭାଗ ୧୦.୯, ଋଷିଆର ଭାଗ ମାତ୍ର ୨.୨ (ସାରଣୀ-୩) । ବର୍ତ୍ତମାନ ପାଇଁ ଆମ ଦେଶର ଅଭିବୃଦ୍ଧିକୁ ଆଠରୁ ଦଶ ଶତାଂଶରେ ପହଞ୍ଚାଇବାକୁ ହେଲେ ଆମକୁ ବିଶେଷତଃ କୃଷିର ଅଭିବୃଦ୍ଧିକୁ ଅନ୍ତତଃ ୪ ଶତାଂଶ, ଶିଳ୍ପ ଓ ସେବାକ୍ଷେତ୍ରରେ ଅନ୍ୟୂନ ୧୫ ଶତାଂଶର ଅଭିବୃଦ୍ଧି ହାସଲ କରିବାକୁ ପଡ଼ିବ । ତା'ହେଲେ ଯାଇ ଆଗାମୀ ଦିନମାନଙ୍କରେ ଭାରତ ଏକ ସ୍ୱୟଂ ସମୃଦ୍ଧ ସ୍ୱାଧୀନ ରାଷ୍ଟ୍ରଭାବରେ ସମଗ୍ର ବିଶ୍ୱରେ ପରିଚିତ ହେବ ଏଥିରେ ସନ୍ଦେହ ନାହିଁ ।

### ସାରଣୀ-୧

### ବିଶ୍ୱରେ ଘରୋଇ ଉତ୍ପାଦର ଅଭିବୃଦ୍ଧି ହାର - ଶତାଂଶରେ

| ଦେଶ | ୨୦୦୨ | ୨୦୦୩* | ଦେଶ | ୨୦୦୨ | ୨୦୦୩ |
|---|---|---|---|---|---|
| ସମଗ୍ର ବିଶ୍ୱ | ୩.୦୦ | ୩.୨ | **ଭାରତ | ୪.୩ | ୭.୦ |
| ବିକଶିତ ରାଷ୍ଟ୍ର | ୧.୮ | ୧.୮ | ଇଣ୍ଡୋନେସିଆ | ୩.୭ | ୩.୫ |
| ବିକାଶଶୀଳ ରାଷ୍ଟ୍ର | ୪.୬ | ୫.୦ | ମାଲେସିଆ | ୪.୧ | ୪.୨ |
| ଆର୍‌ଜେଣ୍ଟିନା | ୧୦.୯ | ୫.୫ | ମେକ୍ସିକୋ | ୦.୭ | ୧.୫ |
| ବଙ୍ଗଳାଦେଶ | ୪.୯ | ୫.୪ | ପାକିସ୍ଥାନ | ୪.୪ | ୫.୪ |
| ବ୍ରାଜିଲ | ୧.୫ | ୧.୫ | ଫିଲିପାଇନ୍‌ସ | ୪.୪ | ୪.୦ |
| ଚିଲି | ୨.୧ | ୩.୩ | ଶ୍ରୀଲଙ୍କା | ୪.୦ | ୫.୫ |
| ଚାଇନା | ୮.୦ | ୭.୫ | ଥାଇଲାଣ୍ଡ | ୫.୩ | ୫.୦ |

* ଆଇ.ଏମ୍.ଏଫ୍. ପ୍ରୋଜେକ୍ଟସ - ଅପ୍‌ୱାର୍ଡ଼ ବାଇଆସ୍

** ଭାରତ ପାଇଁ ସି.ଏସ୍.ଓ. (ସେଣ୍ଟ୍ରାଲ ଷ୍ଟାଟିସ୍‌ଟିକାଲ୍ ଅର୍ଗାନାଇଜେସନ) ଏପ୍ରିଲଠାରୁ ମାର୍ଚ୍ଚ ।

ଆଧାର : ୱାରଲଡ୍ ଇକୋନୋମିକ୍ ଆଉଟ୍ ଲୁକ୍ (ଦି ହିନ୍ଦୁ, ୨୯.୧.୨୦୦୪, ପୃ.୧୮ରୁ ସଂଗୃହୀତ) ।

Click Here & Upgrade
Expanded Features
Unlimited Pages
PDF Complete



### ସାରଣୀ-୨

### ଭାରତରେ ଅର୍ଥନୈତିକ ଅଭିବୃଦ୍ଧି (ରାଷ୍ଟ୍ରୀୟ ଉତ୍ପାଦରେ)

| ବର୍ଷ | ରାଷ୍ଟ୍ରୀୟ ଉତ୍ପାଦ | ମୁଣ୍ଡପିଛା ହାର |
|---|---|---|
| ୧୯୫୦-୧୯୮୦ | ୩.୫ | ୧.୩ |
| ୧୯୮୦-୧୯୯୦ | ୫.୫ | ୩.୫ |
| ୧୯୯୦-୨୦୦୦ | ୬.୦ | ୪.୩ |
| *୨୦୦୦-୨୦୧୦ | ୭.୫ | ୬.୦ |

* ପରିକଳ୍ପିତ

ଆଧାର : ଇଣ୍ଡିଆନ ଇକୋନୋମି ସିନ୍ସ ଇନ୍‌ଡେପିନ୍‌ଡେନ୍ସ, ପଞ୍ଚଦଶ ସଂପାଦନା, ୨୦୦୩-୦୪, ପୃ.୯୧ ।

### ସାରଣୀ-୩

### ବିଭିନ୍ନ ଦେଶର ବିଶ୍ୱ ଘରୋଇ ଉତ୍ପାଦର ଅଂଶ (୧୭୦୦-୧୯୯୫)

| ଦେଶର ନାମ | ୧୭୦୦ | ୧୮୨୦ | ୧୮୯୦ | ୧୯୫୨ | ୧୯୭୮ | ୧୯୯୫ |
|---|---|---|---|---|---|---|
| ଚୀନ | ୨୩.୧ | ୩୨.୪ | ୧୩.୨ | ୫.୨ | ୫.୦ | ୧୦.୯ |
| ଭାରତ | ୨୨.୬ | ୧୫.୭ | ୧୧.୦ | ୩.୮ | ୩.୪ | ୪.୬ |
| ଜାପାନ | ୪.୫ | ୩.୦ | ୨.୫ | ୩.୪ | ୭.୭ | ୮.୪ |
| ୟୁରୋପ | ୨୩.୩ | ୨୬.୬ | ୪୦.୩ | ୨୯.୭ | ୨୭.୯ | ୨୩.୮ |
| ଯୁକ୍ତରାଷ୍ଟ୍ର ଆମେରିକା | ୦.୦ | ୧.୮ | ୧୩.୮ | ୨୮.୪ | ୨୧.୮ | ୨୦.୯ |
| ସୋଭିଏତ୍ ୟୁନିଅନ୍ ଋଷିଆ | ୩.୨ | ୪.୮ | ୬.୩ | ୮.୭ | ୯.୨ | ୨.୨ |

ଆଧାର : ଇକୋନୋମି ସିନ୍ସ ଇଣ୍ଡେପିଣ୍ଡେନ୍ସ, ପୃ.୮୬ ।

ବାଣିଜ୍ୟ ବିଭାଗ
ଆସିକା ବିଜ୍ଞାନ ମହାବିଦ୍ୟାଳୟ
ଆସିକା - ୭୬୧୧୧୧, ଗଂଜାମ

---




ଜୟଦେବ ଭବନଠାରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଡିଜିଟାଲ ଡିସ୍‌ପ୍ଲେ ବୋର୍ଡର ଉଦ୍‌ଘାଟନ କରୁଛନ୍ତି । ସୂଚନା ଓ ଲୋକ ସଂପର୍କ ଏବଂ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ଶ୍ରୀ ଦେବାଶିଷ ନାୟକ, ସାଂସଦ ଶ୍ରୀ ପ୍ରସନ୍ନ ପାଟଶାଣୀ ଓ ବିଭାଗୀୟ ନିର୍ଦ୍ଦେଶକ ଶ୍ରୀ ବୈଷ୍ଣବ ପ୍ରସାଦ ମହାନ୍ତି ଉପସ୍ଥିତ ଅଛନ୍ତି । ୩୦.୭.୦୫